# NATIONAL NEWS BULLETIN (ODIA)
## 19 June - 2024
## Morning Bulletin : 7.15 a.m.

*******************************

## <u>ମୁଖ୍ୟ ସମ୍ବାଦ</u>

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଜି ବିହାର ଗସ୍ତ ।

– ନାଳନ୍ଦା ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ୍‌କୁ କରିବେ ଉଦ୍‌ଘାଟନ ।

- ନିଟ୍ ୟୁ.ଜି. ୨୦୨୪ ପରୀକ୍ଷା ପରିଚାଳନା ସଂକ୍ରାନ୍ତ ଆବେଦନ ଉପରେ ଏନ୍.ଟି.ଏ. ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କଲେ ସୁପ୍ରିମ୍‌କୋର୍ଟ ।
- ସପ୍ତଦଶ ଓଡ଼ିଶା ବିଧାନସଭା ବାଚସ୍ପତି ନିର୍ବାଚନ ପାଇଁ ଆଜିଠୁ ଆରମ୍ଭ ହେବ ପ୍ରକ୍ରିୟା ।
- ଭାରତୀୟ ଡାକଘର ଅଧିନିୟମ ୧୮୯୮ ପରିବର୍ତ୍ତେ ଲାଗୁ ହେଲା ଡାକଘର ଆଇନ୍ ୨୦୨୩ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗୀତାରେ ସୁପର୍ ଏଇଟ୍ ପର୍ଯ୍ୟାୟ ମ୍ୟାଚ୍ ଆଜିଠୁ ଆରମ୍ଭ ।

–   ଦକ୍ଷିଣ ଆଫ୍ରିକା ଏବଂ ଆମେରିକା ମଧ୍ୟରେ ହେବ ମୁକାବିଲା ।

# ପିଏମ୍-ବିହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାର ଗସ୍ତରେ ଯିବେ । ନାଳନ୍ଦା ଜିଲ୍ଲା ଅନ୍ତର୍ଗତ ରାଜଗିର୍ ଠାରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ୍‌କୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ସେଠାରେ ସେ ପୁରାତନ ବିଶ୍ୱବିଦ୍ୟାଳୟର ଐତିହ୍ୟ ସ୍ଥଳୀକୁ ପରିଦର୍ଶନ କରିବେ । ଭାରତ ଏବଂ ପୂର୍ବ ଏସିଆ ରାଷ୍ଟ୍ରଗୋଷ୍ଠୀର ମିଳିତ ସହଯୋଗରେ ଏହି ନାଳନ୍ଦା ବିଶ୍ୱବିଦ୍ୟାଳୟକୁ ନୂତନ ଭାବେ ଗଠନ କରାଯାଇଛି । ଉଦ୍‌ଘାଟନୀ ସମାରୋହରେ ୧୭ଟି ଦେଶର ମିଶନ୍ ମୁଖ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ । ୪୫୦ ଏକର ପରିମିତ ଜମି ଉପରେ ପ୍ରତିଷ୍ଠିତ ଏହି ଅତ୍ୟାଧୁନିକ କ୍ୟାମ୍ପସ୍‌ରେ  ଅତ୍ୟାଧୁନିକ ବ୍ୟବସ୍ଥା ତଥା କଳା ଓ ସଂସ୍କୃତି ଆଧାରିତ ଭିତ୍ତିଭୂମି ନିର୍ମାଣ କରାଯାଇଛି । ଶକ୍ତି ଏବଂ ଅନ୍ୟାନ୍ୟ ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ ସେଠାରେ ସୋଲାର ପ୍ଲାଣ୍ଟ, ପାନୀୟ ଜଳ ବିଶୋଧନାଗାର ଆଦିର ବ୍ୟବସ୍ଥା କରାଯାଇଛି । ପରିବେଶକୁ ସୁହାଇବା ଭଳି ଅନେକ ପଦକ୍ଷେପ ମଧ୍ୟ ସେଠାରେ ଗ୍ରହଣ କରାଯାଇଛି । ସେଠାରେ ୫୦୦ ଛାତ୍ରଛାତ୍ରୀ ରହିପାରିବା ଭଳି ହଷ୍ଟେଲର ମଧ୍ୟ ବ୍ୟବସ୍ଥା ରହିଛି ।

# ଭିପି-ଆଇଆଇଏସ୍ ଟ୍ରେନିଂ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ସୂଚନା ହେଉଛି ଶକ୍ତି । ମିଥ୍ୟା ଖବର ଅନେକ ବିପର୍ଯ୍ୟୟ ସୃଷ୍ଟି କରିପାରେ ବୋଲି ସେ କହିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଭାରତୀୟ ସୂଚନା ସେବା ଆଇ.ଆଇ.ଏସ୍. ୨୦୨୨ ଓ ୨୦୨୩ ବ୍ୟାଚ୍‌ର ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, ଆଇ.ଆଇ.ଏସ୍. ଅଧିକାରୀମାନେ ନାଗରିକ ଏବଂ ନିର୍ବାଚିତ ସରକାରଙ୍କ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରିଥାନ୍ତି । ସର୍ବୋଚ୍ଚ ସ୍ତରରେ ବିଶ୍ୱସନୀୟତା ଏବଂ ସ୍ୱଚ୍ଛତା ବହନ କରୁଥିବା ତଥ୍ୟ ସର୍ବଦା ସମାଜକୁ ସଶକ୍ତ କରିଥାଏ । ଆନ୍ତର୍ଜାତିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଅନେକ ଅଭିସନ୍ଧିମୂଳକ ତଥ୍ୟକୁ ମୁକାବିଲା କରିବାରେ ଆଇ.ଆଇ.ଏସ୍. ଅଧିକାରୀମାନେ ଉଦ୍ୟମ କରିବା ଉଚିତ୍ ବୋଲି ସେ କହିଛନ୍ତି । ସେହିଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରତି ସଚେତନ ହେବାକୁ ମଧ୍ୟ ଏହି ଅବସରରେ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ବିଜେପି-ମିଟିଂ

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ଦଳର ଅନ୍ୟତମ ବରିଷ୍ଠ ନେତା ତଥା ସଭାପତି ଜେ.ପି. ନଡ୍ଡା ଗତକାଲି ମହାରାଷ୍ଟ୍ର ବିଜେପି କୋର୍ କମିଟି ବୈଠକରେ ଯୋଗଦେଇଥିଲେ ।

ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍, କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ଅଶ୍ୱିନୀ ବୈଷ୍ଣବ, ପୀୟୂଷ ଗୋୟଲ, ଦଳର ଜାତୀୟ ସମ୍ପାଦକ ବିନୋଦ ତାୱ୍ଡେ ଏବଂ ବି.ଏଲ୍. ସନ୍ତୋଷ ପ୍ରମୁଖ ଯୋଗ ଦେଇଥିଲେ । ଭୂପେନ୍ଦ୍ର ଯାଦବଙ୍କୁ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ମହାରାଷ୍ଟ୍ର ଦଳୀୟ ମୁଖ୍ୟ ଭାବେ ଦାୟୀତ୍ୱ ଅର୍ପଣ କରାଯାଇଛି । ଅଶ୍ୱିନୀ ବୈଷ୍ଣବ' ଶ୍ରୀ ଯାଦବଙ୍କୁ ସହାୟତା ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ସୁପ୍ରିମ୍‌କୋର୍ଟ-ନିଟ୍

ନିଟ୍ ୟୁ.ଜି.୨୦୨୪ ପରୀକ୍ଷା ପରିଚାଳନାରେ ପ୍ରଶ୍ନପତ୍ର ଲିକ୍ ଓ ଦୁର୍ନୀତି ଅଭିଯୋଗ ନେଇ ଆଗତ ଆବେଦନ ଉପରେ ସୁପ୍ରିମ୍‌କୋର୍ଟ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ସୁପ୍ରିମ୍‌କୋର୍ଟ କହିଛନ୍ତି, ସାମାନ୍ୟ ଅବହେଳାକୁ ମଧ୍ୟ ଭଲ ଭାବେ ତର୍ଜମା କରିବାର ଆବଶ୍ୟକତା ରହିଛି । ଦେଶର ସବୁଠାରୁ କଠିନ ପ୍ରବେଶିକା ପରୀକ୍ଷା ପାଇଁ ଡାକ୍ତରୀ ପରୀକ୍ଷାର୍ଥୀମାନେ ଯେଉଁ ପରିଶ୍ରମ କରିଥିଲେ ତାହାକୁ ସେମାନେ ଭୁଲିପାରିବେ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ଏସ୍.ଭି.ଏନ୍. ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି ସମୟରେ

କହିଛନ୍ତି, ଏହି ମାମଲାକୁ ଏକ ପ୍ରତିକୂଳ ଆବେଦନ ବୋଲି ବିବେଚନା କରାଯିବା ଉଚିତ୍ ନୁହେଁ । ହୋଇଥିବା ଭୁଲ୍‌କୁ ସୁଧାରିବାର ଆବଶ୍ୟକତା ରହିଛି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୮ ତାରିଖକୁ ଧାର୍ଯ୍ୟ କରାଯାଇଛି ।

## ପିଏମ୍-ନାଭି ମିଟ୍

ଭାରତୀୟ ନୌସେନା ମୁଖ୍ୟ ଆଡମିରାଲ୍ ଦିନେଶ କେ. ତ୍ରିପାଠୀ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ଭାରତୀୟ ନୌସେନାରେ ହୋଇଥିବା ଭିତ୍ତିଭୂମି ବିକାଶ ତଥା ପ୍ରଶାସନିକ ଏବଂ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପଦକ୍ଷେପ ଉପରେ ଅବଗତ କରାଇଥିଲେ । ଭାରତୀୟ ଜଳ ସୀମାକୁ ସୁରକ୍ଷିତ ରଖିବାରେ ନୌସେନା ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଭବିଷ୍ୟତରେ ନିଆଯିବାକୁ ଥିବା ପ୍ରଶିକ୍ଷଣ ଏବଂ ବିଭାଗୀୟ କଲ୍ୟାଣମୂଳକ ପଦକ୍ଷେପ ଗୁଡ଼ିକ ଉପରେ ଶ୍ରୀ ତ୍ରିପାଠୀ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି ।

# ଓଡ଼ିଶା ବିଧାନସଭା

ସପ୍ତଦଶ ଓଡ଼ିଶା ବିଧାନସଭା ବାଚସ୍ପତି ନିର୍ବାଚନ ନେଇ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହେବ । ମଧ୍ୟାହ୍ନ ୧୨ଟା ସୁଦ୍ଧା ନାମାଙ୍କନପତ୍ର ଦାଖଲର ଶେଷ ସମୟସୀମା ଧାର୍ଯ୍ୟ କରାଯାଇଛି । ଆବଶ୍ୟକ ସ୍ଥଳେ ଆସନ୍ତାକାଲି ବାଚସ୍ପତି ନିର୍ବାଚନ ଅନୁଷ୍ଠିତ  ହେବ । ଗତକାଲି ଠାରୁ ଆରମ୍ଭ ହୋଇଥିବା ଏହି ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନରେ ନବନିର୍ବାଚିତ ସଦସ୍ୟମାନଙ୍କର ଶପଥଗ୍ରହଣ କାର୍ଯ୍ୟକ୍ରମ ଜାରି ରହିଛି । ଆଜି ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଏହା ଚାଲିବ । କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସଦସ୍ୟଙ୍କୁ ଶପଥପାଠ କରାଉଛନ୍ତି । ଗତକାଲି ପ୍ରଥମ ଦିନରେ ୧୦୧ ଜଣ ସଦସ୍ୟ ଶପଥ ନେଇଛନ୍ତି । ପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶପଥ ନେଇଥିଲେ । ଏହାପରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ପଦ ଓ ଗୋପନୀୟତାର ଶପଥପାଠ କରିଥିଲେ ।

# ପୋଷ୍ଟ ଅଫିସ୍ ଆକ୍ଟ

ଡାକଘର ଆଇନ୍ ୨୦୨୩ ଗତକାଲି ଠାରୁ କାର୍ଯ୍ୟକାରୀ ହୋଇଛି । ଭାରତୀୟ ଡାକଘର ଅଧିନିୟମ ୧୮୯୮ ପରିବର୍ତ୍ତେ ଏହି ଆଇନ୍‌କୁ ଲାଗୁ କରାଯାଇଛି । ରାଜ୍ୟର ସୁରକ୍ଷା ଏବଂ ଶୃଙ୍ଖଳା ସମେତ ନିର୍ଦ୍ଦିଷ୍ଟ ତଥ୍ୟ ଆଧାରରେ ସରକାର ଇଣ୍ଡିଆ ପୋଷ୍ଟ ମାଧ୍ୟମରେ ପ୍ରସାରିତ ହେଉଥିବା

ଲେଖାକୁ ବନ୍ଦ କରିପାରିବେ । ସାର୍ବଜନୀନ ଜରୁରୀକାଳୀନ ପରିସ୍ଥିତି, ସୁରକ୍ଷା ଏବଂ ଶାନ୍ତି ପ୍ରତିଷ୍ଠାକୁ ଦୃଷ୍ଟିରେ ରଖି ସରକାର ଏହି ପଦକ୍ଷେପ ନେଇପାରିବେ ବୋଲି ନୂଆ ଆଇନ୍‌ରେ ବ୍ୟବସ୍ଥା ରହିଛି । ଏଥିପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇପାରିବ । ଏହି ଆଇନ୍ ଅନୁଯାୟୀ ଡାକସେବା ମହାନିର୍ଦ୍ଦେଶକଙ୍କୁ ଭାରତୀୟ ଡାକ ବିଭାଗର ମୁଖ୍ୟ ଭାବେ ନିଯୁକ୍ତ କରାଯିବ । ସେବା ପାଇଁ ଶୁଳ୍କ ଏବଂ ଡାକ ଟିକଟ ଯୋଗାଣ ସମେତ ବିଭିନ୍ନ ପ୍ରସଙ୍ଗରେ ନିୟମ ପ୍ରଣୟନ କରିବାକୁ ତାଙ୍କର କ୍ଷମତା ରହିବ ବୋଲି ଏହି ନୂତନ ଆଇନ୍‌ରେ ସ୍ପଷ୍ଟ କରାଯାଇଛି ।

## ସୁପ୍ରିମ୍‌କୋର୍ଟ-ଲୋକ ଅଦାଲତ

ସୁପ୍ରିମ୍‌କୋର୍ଟ୍ ପକ୍ଷରୁ ବକେୟା ମାମଲା ଗୁଡ଼ିକର ତ୍ୱରିତ ଏବଂ ଆପୋଷ ସମାଧାନ ପାଇଁ ଜୁଲାଇ ୨୯ ତାରିଖରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଲୋକଅଦାଲତ ଆୟୋଜନ କରାଯିବ । ସୁପ୍ରିମ୍‌କୋର୍ଟର ୭୫ ତମ ବାର୍ଷିକୀ ପାଳନ ଅବସରରେ ଏହି ସ୍ୱତନ୍ତ୍ର ଲୋକ ଅଦାଲତର ଆୟୋଜନ କରାଯାଉଛି । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ସୁପ୍ରିମ୍‌କୋର୍ଟ୍ ପ୍ରତିଷ୍ଠା କରାଯିବା ସହ ସମସ୍ତ ସାମ୍ବିଧାନିକ ନିୟମକୁ କାର୍ଯ୍ୟକାରୀ କରାଯାଇଥିଲା । ସୁପ୍ରିମ୍‌କୋର୍ଟ ପକ୍ଷରୁ କୁହାଯାଇଛି, ଦେଶର

ନ୍ୟାୟିକ ବ୍ୟବସ୍ଥାରେ ଲୋକଅଦାଲତ ହେଉଛି ଏକ ପ୍ରମୁଖ ଅଂଶ । ଲୋକଅଦାଲତ ମାଧ୍ୟମରେ ମାମଲା ଗୁଡ଼ିକର ତ୍ୱରିତ ଏବଂ ଆପୋଷ ସମାଧାନ କରାଯାଇପାରିବ । ସମାଜର ସବୁବର୍ଗର ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଦିଗରେ ଏହା ସହାୟକ ହୋଇପାରିବ ବୋଲି କୁହାଯାଇଛି । ଲୋକଅଦାଲତରେ ବିବାହ ବିବାଦ, ସମ୍ପତ୍ତି ମାମଲା, ମଟର ଦୁର୍ଘଟଣା, ଜମି ହଡ଼ପ, କ୍ଷତିପୂରଣ ଆଦି ମାମଲାର ସମାଧାନ କରାଯିବାର ଲକ୍ଷ୍ୟ ରଖାଯାଇଛି ।

# ଟିକସ ଆଦାୟ

ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ମୋଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ବୃଦ୍ଧି ପାଇଛି । ଗତ ୧୭ ତାରିଖ ସୁଦ୍ଧା ମୋଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ୨୨ ଦଶମିକ୍ ୧/୯ ପ୍ରତିଶତ ବୃଦ୍ଧି ପାଇଛି । ଏହା ଗତବର୍ଷ ତୁଳନାରେ ମୋଟ୍ ଟିକସ ଆଦାୟର ୨୧ ପ୍ରତିଶତ ଅଧିକ । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଆର୍ଥିକ ବର୍ଷରେ ଅଗ୍ରିମ ଟିକସ ଆଦାୟ ମଧ୍ୟ ୨୭ ଦଶମିକ୍ ୩/୪ ପ୍ରତିଶତ ବୃଦ୍ଧି ପାଇ ୧ଲକ୍ଷ ୪୮ ହଜାର କୋଟି ଟଙ୍କାରୁ ଅଧିକ ରହିଛି । ସେହିଭଳି ଗତ ୧୭ ତାରିଖ ସୁଦ୍ଧା ୫୩ ହଜାର ୩୨୨ କୋଟି ଟଙ୍କା ଫେରସ୍ତ କରାଯାଇଛି ।

ଏହା ଗତ ବର୍ଷ ସେହି ସମୟ ସୁଦ୍ଧା ଫେରାଯାଇଥିବା ଅର୍ଥ ରାଶିର ୩୩ ଦଶମିକ୍ ୭ ପ୍ରତିଶତ ଅଧିକ ବୋଲି ଅର୍ଥ ମନ୍ତ୍ରଣାଳୟ କହିଛି ।

## କ୍ରିକେଟ୍-ବିଶ୍ୱକପ୍

ଆଇ.ସି.ସି. ଟି-ଟ୍ୱୋଣ୍ଟି ବିଶ୍ୱକପ୍ ପ୍ରତିଯୋଗୀତାରେ ସୁପର ଏଇଟ୍ ପର୍ଯ୍ୟାୟ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହେଉଛି । ଏହି ପର୍ଯ୍ୟାୟକୁ ଉନ୍ନିତ ହୋଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ସ୍ଥାନିତ କରାଯାଇଛି । ଭାରତ, ଅଷ୍ଟ୍ରେଲିଆ, ବାଂଲାଦେଶ ଏବଂ ଆଫଗାନିସ୍ତାନକୁ ନେଇ ପ୍ରଥମ ଗ୍ରୁପ୍ ଏବଂ ଆମେରିକା, ଇଂଲଣ୍ଡ, ଓ୍ୱେଷ୍ଟଇଣ୍ଡିଜ୍ ଏବଂ ଦକ୍ଷିଣ ଆଫ୍ରିକାକୁ ନେଇ ଦ୍ୱିତୀୟ ଗ୍ରୁପ୍ ଗଠନ କରାଯାଇଛି । ବାଂଲାଦେଶ ନେପାଳକୁ ହରାଇ ଅଷ୍ଟମ ଦଳ ଭାବେ ଏହି ପର୍ଯ୍ୟାୟକୁ ଉନ୍ନିତ ହୋଇଛି ।

ଆଜି ଦକ୍ଷିଣ ଆଫ୍ରିକା ଏବଂ ଆମେରିକା ମଧ୍ୟରେ ଏହି ପର୍ଯ୍ୟାୟର ପ୍ରଥମ ମ୍ୟାଚ୍ ଭାରତୀୟ ସମୟ ରାତି ୮ଟାରେ ଖେଳାଯିବ । ଆସନ୍ତାକାଲି ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ମୁକାବିଲା ହେବ ।

ଏହି ଦୁଇ ଗ୍ରୁପ୍‌ର ପ୍ରଥମ ଦୁଇଟି ଦଳ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବେ । ସୁପର ଏଇଟ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୩ଟି ଲେଖାଏଁ ମ୍ୟାଚ୍ ଖେଳିବେ ଏବଂ ଦୁଇଟି ମ୍ୟାଚ୍ ବିଜୟୀ ଟିମ୍ ସେମିଫାଇନାଲ୍

ପର୍ଯ୍ୟାୟକୁ ଉନ୍ନିତ ହେବ । ନକ୍‌ଆଉଟ୍ ପର୍ଯ୍ୟାୟରେ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ । ଆସନ୍ତା ୨୯ ତାରିଖ ଦିନ ବାରବାଡସ୍ ଠାରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ କହିଛି, ମହାରାଷ୍ଟ୍ରର କେତେକ ଅଞ୍ଚଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗାମୀ ଦୁଇ ତିନି ଦିନ ମଧ୍ୟରେ ପ୍ରବେଶ କରିବ । ଏଥିପାଇଁ ପାଗ ଅନୁକୂଳ ରହିଛି ବୋଲି ବିଭାଗ କହିଛି । କୋଙ୍କଣ ଏବଂ କେନ୍ଦ୍ରୀୟ ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ବିଭାଗ କହିଛି । ଆଜି ଦିଲ୍ଲୀରେ ପ୍ରାକ୍ ମୌସୁମୀ ବର୍ଷା ହୋଇପାରେ ବୋଲି କୁହାଯାଇଛି । ଆସନ୍ତା ୪/୫ ଦିନ ମଧ୍ୟରେ ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ପବନ ଓ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।